# ODM PUBLIC SCHOOL

ODM EDUCATIONAL GROUP
Changing your Tomorrow

**CLASS :3**
**SUBJECT : ODIA**
**CHAPTER NUMBER: 04**
**CHAPTER NAME : ହଇଓ ସମୁଦ୍ରି**
**SUBTOPIC : ଅନୁଚ୍ଛେଦ ଓ କଠିନ ଶବ୍ଦ**

ODM
EDUCATIONAL GROUP
Changing your Tomorrow

# ହଇଓ ସମୁଦି

ଦ୍ୱିପହର ବେଳା ହୋଇଥାଏ । ହନୁବଇଦ ଖଟରେ ଶୋଇଥାଏ । ସମୁଦି ଗଧିଆଙ୍କ କଥା ତା'ର ମନେ ପଡ଼ିଲା । ସମୁଦିଘରକୁ ବହୁତ ଦିନ ହେଲା ଯାଇନାହିଁ । ଭାବିଲା, ସମୁଦି ଘର ଆଡ଼ୁ ବୁଲି ଆସିବ । ସମୁଦିଘରକୁ ଗଲା । ଦ୍ୱାରରେ ଠକ୍‌ଠକ୍ କଲା । ଗଧିଆ ଧୀର ସ୍ୱରରେ 'ହଁ' କହିଲା । ଠକ୍‌ଠକ୍ ଶୁଣି ଦ୍ୱାର ଖୋଲିଲା ।



ODM EDUCATIONAL GROUP
Changing your Tomorrow

ହନୁବଇଦ ତା' ମୁହଁ ଦେଖି ପଚାରିଲା, "କ'ଣ ହୋଇଛି ସମୁଦି ? ତୁମର ମୁହଁ ଶୁଖିଲା ଦିଶୁଛି ।" ଗଧିଆ କହିଲା, "କିଛିଦିନ ହେଲା ଜ୍ୱର ହେଉଛି ।" ଜ୍ୱର ହେବାର କାରଣ ବିଷୟରେ ହନୁବଇଦ ପଚାରିଲା ।



ଗଧିଆ କହିଲା, "କ'ଣ କହିବି ସମୁଦି ! ବିଲେଇନାନୀର ମିଠା ଦୋକାନକୁ ଯାଇଥିଲି । ସେଠି ମିଠା, ସିଙ୍ଗଡ଼ା ଓ ଆଳୁଚପ୍ ଖାଇଲି । ସେଗୁଡ଼ାକ ବାସି ଜିନଷ । ଖରାପ ହୋଇଯାଇଥିଲା । ବିଲେଇନାନୀର ସରାଗ ଦେଖି ମନା କରିପାରିଲିନାହିଁ । ଖାଇଦେଲି ସିନା, ଘରକୁ ଫେରିଲାପରେ ପେଟ ଖରାପ ହୋଇ ଝାଡ଼ା ହେଲା । ତା'ପରଠୁ ତ ଜ୍ୱର । ସେଥିରେ ଆଗରୁ ଥିବା ଶ୍ୱାସରୋଗ ବାହାରି ପଡ଼ିଲା । ଭାରି ଧଇଁସଇଁ ଲାଗୁଛି ।"

ହନୁବଇଦ ସବୁଶୁଣିଲା । ଔଷଧ ଦେଲା । ଆଶ୍ୱାସନା ଦେଇ କହିଲା, ଡରନା, ତୁମର କିଛି ହେବ ନାହିଁ । ହନୁର ଔଷଧରେ ଗଧିଆର ଭାରି ବିଶ୍ୱାସ । ହନୁବଇଦ କହିଲା, ସମୁଦି କଥାଟିକୁ ଗଣ୍ଠି ପକାଇ ମନେରଖ –

"ଖାଇବାଦରବ ପଚାସଢ଼ା ବାସି
ଭଣଭଣ କରି ମାଛି ଥିବେ ବସି
ଭୋକରେ ପଛକେ ଜୀବନ ହାରିବ
ସେପରି ଦରବ କେବେ ନ ଖାଇବ ।"





# ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।

ODM EDUCATIONAL GROUP
Changing your Tomorrow

୧. କିଏ ଖଟରେ ଶୋଇଥାଏ ?
୨. ହନୁ ବଇଦର କାହା କଥା ମନେପଡିଲା ?
୩. ଠକ ଠକ ଶବ୍ଦ ଶୁଣି କିଏ □□□□ର ଖୋଲିଲା ?
୪. କାହାକୁ □□□ର ହୋଇଥିଲା ?
୫. କାହାର ମିଠା ଦୋକାନ ଥିଲା ?
୬. ଗଧିଆ ମିଠା ଦୋକାନରୁ କଣ କଣ ଖାଇଲା ?
୭. ଗଧିଆର ଆଗରୁ କେଉଁ ରୋଗ ଥିଲା ?
୮. କିଏ ଗଧିଆକୁ ଔଷଧ ଦେଲା ?
୯. କାହାର ଔଷଧରେ ଗଧିଆର ଭାରି ବି□□□□ସ ?
୧୦. କେଉଁ ପ୍ରକାରର ଦରବ ଖାଇବା ଉଚିତ ନୁହେଁ ?

ODM EDUCATIONAL GROUP
Changing your Tomorrow

# ଗୃହକର୍ମ

## କଠିନ ଶବ୍ଦ ଗୁଡିକ ମନେରଖ



ODM EDUCATIONAL GROUP
Changing your Tomorrow

# ଅଧ୍ୟୟନରୁ ଲବ୍ଧଜ୍ଞାନର ଫଳାଫଳ

ପିଲାମାନଙ୍କର ପଠନ ,ଶ୍ରବଣ , କଥନ ଓ ଲିଖନ
ଶୈଳୀର ଅଭିବୃଦ୍ଧି ଘଟିବ



ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP